# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବିଜେପି ସରକାର ଗଠନ ହେଲେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସମ୍ବଲପୁର ଠାରେ ପ୍ରତିଷ୍ଠା କରାଯିବ ୫୦୦ ଶଯ୍ୟାର ଡାକ୍ତରଖାନା; କହିଲେ, ଗୃହମନ୍ତ୍ରୀ ଅମିତ ଶାହା
- ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଅବକାଶ ଆସନ୍ତାକାଲିଠାରୁ ଜୁନ୍ ୧୭ ପର୍ଯ୍ୟନ୍ତ ରହିବ ।
- ରାଜ୍ୟର ଅପହଞ୍ଚ ଅଞ୍ଚଳରେ ବାୟୁ ସ୍ୱାସ୍ଥ୍ୟସେବା ଆସନ୍ତା ଜୁନ୍ ମାସରୁ ପୁଣିଥରେ ଆରମ୍ଭ ହେବ

ଏବଂ

- ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା

*Sambalpur*

## ଅମିତ ଶାହା- ସମ୍ବଲପୁର

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ସମ୍ବଲପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ଆସନରେ ବସାଇ ଓଡ଼ିଶାକୁ ସମ୍ମାନ ଦେଇଛନ୍ତି। ପାଇକ ବିଦ୍ରୋହକୁ ସମ୍ମାନ ଦେଇ ଡାକଟିକଟ ଜାରି କରିଛନ୍ତି। ରାଜ୍ୟରେ ତାଙ୍କ ସରକାର କ୍ଷମତାକୁ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସମ୍ବଲପୁର ଠାରେ ୫୦୦ ଶଯ୍ୟାର ଡାକ୍ତରଖାନା ତିଆରି କରାଯିବ।

ବିଜୟ ସଂକଳ୍ପ ସମାବେଶ ପରେ ଶ୍ରୀ ଶାହା ସମଲେଇ ମନ୍ଦିର ଯାଇ ମା' ସମଲେଇଙ୍କ ଦର୍ଶନ କରିଥିଲେ। ଏହି ବିଜୟ ସଂକଳ୍ପ ସମାବେଶରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେପିର ବରିଷ୍ଠ ନେତୃବୃନ୍ଦ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

*Desk*

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ

ରାଜ୍ୟରେ ଗତକାଲି ଅନୁଷ୍ଠିତ ହୋଇଥିବା ୫ଟି ଲୋକସଭା ଆସିକା, କନ୍ଧମାଳ, ବରଗଡ, ବଲାଙ୍ଗୀର ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ସହ ଏହା

ଅନ୍ତର୍ଗତ ୩୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଣସ୍ତରୀ ଦଶମିକ ୩/୪ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ବରଗଡରେ ସର୍ବାଧିକ ୭୬ ଦଶମିକ ୨ ପ୍ରତିଶତ ମତଦାନ ହୋଇଥିବାବେଳେ ଆସିକାରେ ସବୁଠାରୁ କମ୍ ୬୦ ଦଶମିକ ୭/୮ ପ୍ରତିଶତ ଭୋଟିଂ ହୋଇଛି ।

ସେହିଭଳି ଦେଶରେ ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ହାର ୬୦ ଦଶମିକ ୦/୯ ପ୍ରତିଶତ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୪୯ଟି ସଂସଦୀୟ କ୍ଷେତ୍ର ପାଇଁ ଗତକାଲି ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ମତଗ୍ରହଣ ସମ୍ପନ୍ନ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶର ୧୪, ମହାରାଷ୍ଟ୍ରର ୧୩, ପଶ୍ଚିମବଙ୍ଗର ୭, ଓଡ଼ିଶା ଓ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି, ଜାମ୍ମୁ କାଶ୍ମୀର ଓ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳର ଗୋଟିଏ ଲେଖାଏଁ ଆସନରେ ମତଗ୍ରହଣ କରାଯାଇଛି ।

***Desk***

## ବ୍ଲକଗ୍ରାଣ୍ଟ ଶିକ୍ଷକ- ହାଇକୋର୍ଟ

ବ୍ଲକଗ୍ରାଣ୍ଟ ମହାବିଦ୍ୟାଳୟ ଗୁଡ଼ିକର କର୍ମଚାରୀମାନଙ୍କୁ ଅବସର ପରେ ଏକକାଳୀନ ପ୍ରାପ୍ୟ ଦେବା ପାଇଁ ରାଜ୍ୟ ସରକାରଙ୍କର ବିଜ୍ଞପ୍ତିକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି। ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ

ମାର୍ଚ୍ଚ ୧୩ ତାରିଖରେ ଏହି ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିକୁ ବିରୋଧ କରି ଜଣେ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଚଳିତ ବର୍ଷ ମାର୍ଚ୍ଚ ମାସ ୯ ତାରିଖରେ କ୍ୟାବିନେଟ୍‌ରେ ଏକ ନିଷ୍ପତ୍ତି ନେଇ ବ୍ଲକଗ୍ରାଣ୍ଟ କର୍ମଚାରୀମାନଙ୍କର ପେନସନ୍ ସୁବିଧା ପରିବର୍ତ୍ତେ ବ୍ଲକଗ୍ରାଣ୍ଟରେ ଶିକ୍ଷାଦାନ କରୁଥିବା କର୍ମଚାରୀ ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ଅଣଶିକ୍ଷାଦାନ କରୁଥିବା କର୍ମଚାରୀମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ଏକକାଳୀନ ଅବସରପ୍ରାପ୍ୟ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ।

***CTC***

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

*Desk*

# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

ଚଳିତ ଆର୍ଥିକ ବର୍ଷରେ କୃଷିକ୍ଷେତ୍ର ଲାଗି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ମୃତ୍ତିକା ପରୀକ୍ଷା ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଲାଗି ୧୧୬ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ମିଶନରେ ୧୧୯ କୋଟି ଟଙ୍କା ଖର୍ଚ୍ଚ କରାଯିବା ସହିତ କୃଷି ଜଙ୍ଗଲରେ ୪ କୋଟି ୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି କୃଷି ବିଭାଗର ଏକ ତଥ୍ୟରୁ ଜଣାପଡ଼ିଛି।

*Desk*

# ବାୟୁ ସ୍ୱାସ୍ଥ୍ୟ ସେବା

ରାଜ୍ୟର ଅପହଞ୍ଚ ଜିଲ୍ଲାରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ମାଲକାନଗିରି, ନବରଙ୍ଗପୁର, ନୂଆପଡା ଏବଂ କଳାହାଣ୍ଡି ଜିଲ୍ଲାରେ ଚାଲିଥିବା ବାୟୁ ସ୍ୱାସ୍ଥ୍ୟସେବା ଆସନ୍ତା ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପୁଣିଥରେ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେଲା ଏହି ସ୍ୱାସ୍ଥ୍ୟସେବା ବନ୍ଦ ରହିଛି ।

*CTC (V)*

## ନିର୍ବାଚନ– କଟକ

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ କଟକ ଜିଲ୍ଲାର ଗୋଟିଏ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୬ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ।

ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **କାଳୀପ୍ରସନ୍ନ ଶତପଥୀ**ଙ୍କ ରିପୋର୍ଟ....

**- V/O –**

*DHNKL*

## ତାଲିମ ଶିବିର

ସଖୀ ବୁଥ୍ ପରିଚାଳନା ପାଇଁ ଢେଙ୍କାନାଳ ପୌରପାଳିକା ସଭାଗୃହରେ ଏକ ସ୍ୱତନ୍ତ୍ର ତାଲିମ ଶିବିର ହୋଇଯାଇଛି। ଶିବିରରେ ୧୨୦ଟି ସଖୀ ବୁଥ୍‌ର ପ୍ରିଜାଇଡିଂ ଅଫିସର ଓ ପୁଲିଂ ଅଫିସରଙ୍କୁ ଭୋଟିଂ ମେସିନ୍ ପରିଚାଳନା ସମ୍ପର୍କରେ ତାଲିମ ଦିଆଯାଇଥିଲା।

*Nayagada*

## ନୟାଗଡ଼ ନିର୍ବାଚନୀ କାର୍ଯ୍ୟ ସମୀକ୍ଷା

ନୟାଗଡ଼ ଜିଲ୍ଲାରେ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସ୍ୱାଧା ଦେବ ସିଂ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ପୁରୀ ଲୋକସଭା ଅନ୍ତର୍ଗତ ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଟି.ଭି.ସୁବାଷ ଏବଂ

ତାଙ୍କ ଦଳ ଆଜି ନୟାଗଡ଼ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ନିର୍ବାଚନ ଆଦର୍ଶ ଆଚରଣବିଧି ପାଇଁ ଗଠିତ ମିଡିଆ ସାର୍ଟିଫିକେସନ୍ ଏବଂ ମନିଟରିଂ କମିଟିର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ।

***Desk***

# ରଥରେ ବିନ୍ଧା କାର୍ଯ୍ୟ ଶେଷ

ପୁରୀ ଶ୍ରୀକ୍ଷେତ୍ର ରଥଖଳାରେ ତିନିରଥର ୪୨ଟି ଯାକ ତୁମ୍ବରେ ୧୬ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ୱଜ ରଥର ୧୪ଟି, ଦେବଦଳନ ରଥର ୧୨ଟି ଏବଂ ନନ୍ଦିଘୋଷ ରଥର ୧୬ଟି ତୁମ୍ବରେ ୪୨ଟି ଲେଖାଏଁ ବିନ୍ଧ କରାଯାଇଛି । ଏହାପରେ ବିନ୍ଧ ଗୁଡ଼ିକରେ ଅରପଟା ସଂଯୋଗ କରାଯିବ । ସେହିଭଳି ଅସ୍ଥାୟୀ କମାରଶାଳରେ ଅରକଣ୍ଟା ଏବଂ ପଦ୍ଧାରୀ ନିର୍ମାଣ କାର୍ଯ୍ୟ ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ଶୂନ୍ୟଛାୟା

ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର କେତେକ ସ୍ଥାନରେ ଶୂନ୍ୟଛାୟା ଦେଖାଯିବ ବୋଲି ପଠାଣିସାମନ୍ତ ପ୍ଲାନେଟୋରିୟମ ସୂତ୍ରରୁ ଜଣାପଡିଛି । ଭୁବନେଶ୍ୱରରେ ଆଜି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦୃଶ୍ୟମାନ ହୋଇଥିଲା । ଅନ୍ୟପକ୍ଷରେ କଟକରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦେଖାଯିବ ବୋଲି ଅନୁମାନ କରାଯାଇଛି । ବଲାଙ୍ଗୀରରେ ଆସନ୍ତା ୨୩ ତାରିଖ, ବୁର୍ଲାରେ ୨୮ ତାରିଖ, ବାରିପଦାରେ ୩୧ ତାରିଖ, ରାଉରକେଲାରେ ଜୁନ୍ ୨ ତାରିଖରେ ଶୂନ୍ୟଛାୟା ଦେଖାଯିବ ବୋଲି ଅନୁମାନ

କରାଯାଇଛି । ସୂର୍ଯ୍ୟ ଦିଗ୍‌ବଳୟର ଯେତେ ନିକଟରେ ଥାଏ ଛାଇ ସେତେ ଅଧିକ ହୋଇଥାଏ ଏବଂ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଛାଇଟି ଖୁବ୍ ଛୋଟ ହୋଇଯାଏ କିନ୍ତୁ ଛାଇ ପୁରାପୁରି ଭାବେ ଉଭେଇ ଯାଏ ନାହିଁ । ହେଲେ ଶୂନ୍ୟଛାୟାରେ ଛାୟା ବିଲ୍‌କୁଲ ଦେଖାଯାଏ ନାହିଁ ।

***Desk***

## ଅଂଶୁଘାତ ମୃତ୍ୟୁ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଓ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ୧ ହଜାର ୨୧ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସରକାରୀ ତଥ୍ୟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪ ଥିବା ବେଳେ ଅନ୍ୟ ୧୬ଟି ମୃତ୍ୟୁର ଅଭିଯୋଗ ଯାଞ୍ଚ ଚାଲିଛି।

***Desk***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ୨୪ ତାରିଖ ଆଡ଼କୁ ଲଘୁଚାପ - ଅବପାତର ରୂପ ନେବ। ଏହାର ପ୍ରଭାବ ଓଡ଼ିଶା ଉପରେ ବିଶେଷ ପଡିବାର ସମ୍ଭାବନା ନାହିଁ ବୋଲି କେତେକ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି । ହେଲେ ବାତ୍ୟା ନେଇ ସ୍ପଷ୍ଟଚିତ୍ର ବିଭିନ୍ନ ପାଣିପାଗ ମଡେଲ ଅଲଗା ଅଲଗା ଆକଳନ କରୁଥିବାରୁ ଆସନ୍ତା ଦୁଇଦିନ ପରେ କେଉଁଆଡକୁ ବାତ୍ୟା ମୁହାଁଇବ ତାହା ସ୍ପଷ୍ଟ ଜଣାପଡିବ ।